# Akashvani, Sambalpur

# SAMBALPURI NEWS MORNING BULLETIN

## 26 July 2026 - 6.47- 6.52 am.

---

ଅଧରପଣା ଆର୍ଏନ୍ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଦ୍ୱାଦଶୀ ତିଥି ନ ରଥ୍ମାନ୍କେ ଆଏଜ୍ ରାତି ମାହାପୁରୁ ମାନ୍କର୍ ଅଧରପଣା ନୀତି କରାଯିବା । ରଥାରୁଢ଼ ମାହାପୁରୁମାନ୍କର୍ ମଧ୍ୟାହ୍ନ ଧୂପ ନୀତି ସର୍ଲା ଉତ୍ରୁ ଅଧରପଣା ନୀତି କରାଯିବା । ଫି' ରଥଥି ମାହାପୁରୁମାନ୍କର୍ ଲାଗି ୩ ଟା ଲେଖା ପଣା ଭୋଗ୍ ତିଆର୍ ହେବା । ସର୍, କଦେଲ୍, ଖିର୍ସା, ଗୋଲ୍ମରିଚ୍, କର୍ପୁର ଆଉ ଜାଇଫଲ୍ ବାଗିର୍ ଦରବ୍ଥି ସେବକମାନେ ଇ ପଣା ତିଆର୍ କର୍ସନ୍ । ମାହାପୁରୁମାନ୍କର୍ ଅଧର ଉଛାର୍ ମାଟିର୍ ହାଁଡ଼ିଥି ପଣା ଭୋଗ୍ ଲଗାଯାଇକରି ହାଁଡ଼ି ଭଙ୍ଗାଯାଏସି । କୁମ୍ଭାର୍ମାନେ ୯ ଟା ଅଧର ହାଁଡ଼ି ତିଆର୍ କରିକରି ଫି' ବଛର୍ ଯୁଗେଇ ଦେସନ୍ । ଅଧରପଣା ନୀତି ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍, ରାଘବଦାସ ମଠ ଆଉ ବଡ଼ ଓଡ଼ିଆ ମଠ ତର୍ଫୁ ସବୁ

ପ୍ରକାର୍ ତୟାରି ଶେଷ୍ ହେଇଯାଇଛେ । ଇ ପଣା ଭୋଗ ରଥ ପାର୍ଶ୍ୱଦେବାଦେବୀ, ଅଶରୀରୀ ଆଉ ଚଣ୍ଡିଚାମୁଣ୍ଡାଙ୍କର୍ ଉଦ୍ଧେଶ୍ୟଥି ସମର୍ପଣ୍ କରାଯାଏସି । ଇ ପଣା ପାଇକରି ସେମାନେ ମୁକ୍ତି ପାଏସନ୍ ବଲି ବିଶ୍ୱାସ୍ କରାଯାଏସି ।

ସେନ୍ତା ଆଏଜ୍ ଶ୍ରୀମନ୍ଦିର୍ ନ ଗରୁଡ଼୍ ଶୟନ ନୀତି କରାଯିବା । ଗରୁଡ଼୍ ସ୍ତମ୍ଭ ଆଗାଡ଼େ ଶୁଦ୍ଧ ସୁଆର ପୂଜା କର୍‌ବାର୍ ଉତ୍‌ରୁ ପୂଜା ସାମନ୍ତ ଗରୁଡ଼୍‌ଙ୍କର୍ ମହାସ୍ନାନ ଆଉ ବାକି ନୀତି କର୍‌ବେ । ଗଲାକାଏଲ୍ ହରିଶୟନ ନୀତି ହେଇଥିବାର୍ ବେଲେ ମାହାପୁରୁଙ୍କର୍ ପାଖେ ଶୟନ କର୍‌ବାର୍ ଲାଗି ଗରୁଡ଼୍‌ଙ୍କୁ ପ୍ରାର୍ଥନା କରାଯିବା ।

ଗଲାକାଏଲ୍ ଭକ୍ତମାନ୍‌କର୍ ଜବର୍ ଭିଡ଼୍‌କେ ନଜର୍‌ଥି ରଖିକରି ମାହାପୁରୁମାନ୍‌କର ସୁନାବେଶକେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଆଉ ୩ ଘଂଟା ଅଏତ୍‌କା ବଢ଼ାଯାଇଥିଲା । ଭକ୍ତମାନେ ଡେରି ରାତି ୨ ବଜେତକ୍ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ସୁନାବେଶ ଦର୍ଶନ୍ କରିଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ପିଏମ୍-ବିକଶିତ ଭାରତ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଉପର୍‌ବେଲା ଆଭାସୀ ଜରିଏ ବିକଶିତ୍ ଭାଇବ୍ରେଂଟ୍ ଭିଲେଜ୍ କାର୍ଯ୍ୟକ୍ରମ୍‌ର ପ୍ରତିଯୋଗୀମାନ୍‌କର୍ ସାଙ୍ଗେ ଭାବ ବିନିମୟ କର୍‌ବେ । ଇ

କାର୍ଯ୍ୟକ୍ରମ୍‌ଥି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ୪ ଶହ ୫ନ୍ ଯୁଆନ୍ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିକରି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କର୍‌ବେ । 'ବିକଶିତ୍ ଭାଇବ୍ରେଂଟ୍ ଭିଲେଜ୍ କାର୍ଯ୍ୟକ୍ରମ' ଗଲା ମାସ ୪ ତାରିଖ୍‌ନୁ ୩୦ ତାରିଖ୍‌ତକ୍ ଲଦାଖ୍, ହିମାଚଲ୍‌ପ୍ରଦେଶ୍ ଆଉ ଉତରାଖଣ୍ଡ୍‌ର ୭୪ ଟା ଗାଁକେ ନେଇକରି ହେଇଥିଲା ।

ପ୍ରହ୍ଲାଦ୍ ଯୋଷୀ- ଶିକ୍ଷାମନ୍ତ୍ରୀ        ଏନ୍‌ଏସ୍‌ଡି

କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀଙ୍କୁ ଶିକ୍ଷାମନ୍ତ୍ରଣାଲୟର୍ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ଶ୍ରୀ ଯୋଷୀ ଇତାର୍ ଆଘୋନୁ ଖାଉଟି ବ୍ୟାପାର୍, ଖାଦ୍ୟ ଆଉ ସାର୍ବଜନୀନ ବଂଟନ୍ ଆଉ ନୂଆଁ ଆଉ ନବୀକରଣୀୟ ଶକ୍ତି ମନ୍ତ୍ରଣାଲୟର୍ ଦାୟିତ୍ୱ‌ଥି ଅଛନ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଇସ୍ତଫାକେ ଗ୍ରହଣ୍ କଲା ଉତ୍‌ରୁ ଇ ନିଷ୍ପତି ନିଆଯାଇଛେ ।

ଜନ ଅଭିଯୋଗ୍ ଶୁଣାଣି        ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ସଖାଲର୍ ୮ ବଜେନୁ ୟୁନିଟ୍-୨ ଅଶୋକ୍ ନଗର୍ ଭୁବ୍‌ନେଶ୍ୱର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇଥିର୍ ଲାଗି ପଞ୍ଜିକରଣ୍ କରିଥିବା ଆଗ୍ରହୀ ଲୁକେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଆଉ ନିଜର୍ ଅଭିଯୋଗ୍ ପତ୍ର ସାଙ୍ଗେ ଉପସ୍ଥିତ୍ ରହିକରି ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯାଗ୍ ଜନେଇପାର୍‌ବେ ।

କାର୍‌ଗିଲ୍ ବିଜୟ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ କାର୍‌ଗିଲ୍ ବିଜୟ ଦିବସ୍ । ୧୯୯୯ ମସିହା ବେଲ୍‌କେ ଭାରତ୍ -ପାକିସ୍ତାନ୍ ସୀମା ନ ୬୦ ଦିନ୍‌ତକ୍ ଚାଲିଥିବା ୟୁଦ୍ଧ 'ଅପରେସନ୍ ବିଜୟ' ଥି ଜିତିକରି ଭାରତୀୟ ସେନା ବାହିନୀ ଆଝିରର୍ ଦିନେ ଦେଶ୍ ଲାଗି ଗର୍ବ ଆର୍ ଗୌରବ୍ ଆନିଥିଲେ । ଜାମ୍ମୁ କାଶ୍ମୀର୍‌ର କାର୍‌ଗିଲ୍ ସେକ୍ଟର୍ ନ ଭାରତୀୟ ସୈନିକ୍‌ମାନ୍‌କର୍ ବୀରତ୍ୱ ଆର୍ ଦେଶର୍ ସୁରକ୍ଷା ଲାଗି ଜୀବନ୍ ଦେଇଥିବା ଶହୀଦ୍

ମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନାବାର୍ ଲାଗି ଫି’ ବଛର୍ ଜୁଲାଇ ୨୬ ତାରିଖ୍ କାର୍‌ଗିଲ୍ ବିଜୟ ଦିବସ୍ ପାଲନ୍ କରାଯାଉଛେ । କାର୍‌ଗିଲ୍ ବିଜୟ ଦିବସ୍ ଅବ୍‌ସରେ ଆଏଜ୍ ସାରା ଦେଶେ ଶହୀଦ୍ ଯବାନ୍ ମାନ୍‌କୁ ଶ୍ରଦ୍ଧାଞ୍ଜଲି ଦିଆଯାଇକରି ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

କ୍ୟାଚ୍ ଦ ରେନ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଗୃହ ଓ ସହରାଂଚଲ ବ୍ୟାପାର୍ ମନ୍ତ୍ରଣାଲୟ ତର୍‌ଫୁ ଅମୃତ ୨.୦ ଯୋଜନା ଅଧୀନଥି ସହରାଂଚଲ୍ ନ ବର୍ଷା ପାଏନ୍ ସଂରକ୍ଷଣ, ବନ୍ଧ କଟା ମାନ୍‌କର୍ ପୁନରୁଦ୍ଧାର ଆଉ ସ୍ଥାୟୀ ଜଲ ପରିଚାଲନା କ୍ଷେତ୍ରଥି ବହୁତ୍‌ଟେ ପଦକ୍ଷେପ ନିଆଯାଉଛେ । ପାନିର୍ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ପରିସ୍ଥିତିର୍ ମୁକାବିଲା କର୍‌ବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୂଲ୍ ଲକ୍ଷ୍ୟ ଆଏ ।

ମିନି ଷ୍ଟାଡ଼ିୟମ୍‌ର ଉଦ୍‌ଘାଟନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଲାଙ୍ଗିର୍ ଜିଲ୍ଲା ପାଟ୍ନାଗଡ଼୍ ବ୍ଲକ୍ ତମିଆଁ ପଂଚାୟତ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଶହେ ୩୦ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ନୂଆଁ ମିନି ଷ୍ଟାଡ଼ିୟମ୍‌ର ଉଦ୍‌ଘାଟନ୍ କରିଛନ୍ । ଶ୍ରୀ ସିଂହଦେଓ କହିଛନ୍, ଇ ପଦକ୍ଷେପ୍ ସ୍ଥାନୀୟ ଯୁଆନ୍ ପିଢ଼ିଙ୍କର୍ ଭିତ୍‌ରେ ଖେଲ୍ ମନୋଭାବ୍ ଆଉ ସୁସ୍ଥ ଜୀବନ୍‌ଶୈଳୀକେ ପ୍ରୋତ୍ସାହିତ୍ କର୍‌ବା । ଆଏବା ପିଢ଼ିକେ ନୂଆଁ ଲକ୍ଷ୍ୟ ସ୍ଥିର୍ କର୍‌ବାର୍ ଲାଗି ଭିଲ୍ ଇଟା ପ୍ରେରଣା ଯୁଗାବା । ଇତାର୍ ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ ଭଇଁଷା ଠାନେ ଆଉ ଗୁଟେ ମିନିଷ୍ଟାଡ଼ିୟମ୍‌ର ଉଦ୍‌ଘାଟନ୍ କରିଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ -ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗିକରି ଥିବା ପଶ୍ଚିମବଙ୍ଗ ଓଡ଼ିଶା ସମୁଦ୍ରଖଁଡ଼ି ନ ଆଏଜ୍ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଅଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଜବର୍‌ନୁ ଅତି

ଜବର୍ ବର୍ଷା ହେବା ବଲି ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ସହେତେ ୧୦ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୨ ଦଶ୍‌ମିକ୍ ୫/୬ ଫୁଟ୍ ରହିଥିଲା । ଇ ସମିଆଥି ଜଲ୍‌ଭଣ୍ଡାର୍‌ନୁ ୧୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୧ ଲାଖ୍ ୯ ହଜାର୍ ୨ ଶହ ୨୯ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୫୭ ହଜାର୍ ୭୦ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।